# ତହସିଲ କାର୍ଯ୍ୟାଳୟ, ବିଂଝାରପୁର

ଲଘୁ ଖଣିଜ ଦୀର୍ଘମିଆଦୀ ସୂତ୍ରରେ ଲିଜ୍ ଇସ୍ତାହାର

ବିଜ୍ଞାପନ ସଂ .୧୮୯୭. / ତା ୨.୭.୨୦୧୮

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ବିଂଝାରପୁର ତହସିଲ ଅନ୍ତର୍ଗତ ଖରସ୍ରୋତା ନଦୀ ବାଲି ଶର୍ଯ୍ୟା, ଘଂଟିଆଳୀ, ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଆସନ୍ତା ୫ବର୍ଷ ନିମନ୍ତେ (୨୦୧୮-୧୯ ଆର୍ଥିକ ବର୍ଷ ରୁ ୨୦୨୨-୨୩ ଆର୍ଥିକ ବର୍ଷ ପର୍ଯ୍ୟନ୍ତ) ଦୀର୍ଘମିଆଦୀ ଲିଜ ସୂତ୍ରେ ନେବାପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ OMMC (Amendment) Rule-2014 ର FORM-J ପୂରଣ କରି ୩ ଗୋଟି କପି ସହ ନିମ୍ନ ଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାଫାରେ (Sealed cover) ତହସିଲଦାର, ବିଂଝାରପୁରଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ (Sealed Tender Box) ପକାଇ ପାରିବେ (ଛୁଟିଦିନ ବ୍ୟତିତ) । ଲଫାଫା ଉପରେ ସୈରାତ ଉତ୍ସର ନାମ ଓ ସୈରାତ କେଶ୍ ନମ୍ବର ଲେଖାଥିବା ଆବଶ୍ୟକ ଏବଂ ଦରଖାସ୍ତକାରୀମାନେ ରେଜେଷ୍ଟ୍ରି ପୋଷ୍ଟ / ସ୍ପିଡ୍‌ପୋଷ୍ଟ ମାଧମରେ ତହସିଲଦାରଙ୍କ ନିକଟକୁ ପଠାଇପାରିବେ । ନିଲାମ ଧାର୍ଯ୍ୟ ତାରିଖର ପୂର୍ବଦିନ ଅପରାହ୍ନ ୫ ଘଟିକାପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡ଼ିକ ବିଚାରକୁ ନିଆଯିବ ନାହିଁ । ତା ୧୭.୦୭.୨୦୧୮ ରିଖ ପୂର୍ବାହ୍ନ ଘ୧୧.୩୦ମି. ସମୟରେ ଲିଜଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡ଼ିକ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ତନଖି କରାଯାଇ ଯୋଗ୍ୟ ଲିଜଧାରୀ ଚୟନ କରାଯିବ । କୌଣସି କାରଣ ନଦର୍ଶାଇ ନିଲାମକୁ ସ୍ଥଗିତ / ରଦ୍ଧ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ ଯାଜପୁରଙ୍କ ରହିଅଛି । ଏହି ସଂକ୍ରାନ୍ତିୟ ସଂପୂର୍ଣ୍ଣ ବିବରଣୀ ତହସିଲ କାର୍ଯ୍ୟାଳୟ, ବିଂଝାରପୁର ତଥା ଜିଲ୍ଲା ୱେବ୍‌ସାଇଟ୍ www.jajpur.nic.in ରେ ଉପଲବ୍ଧ ଅଟେ ।

<u>ଦୀର୍ଘ ମିଆଦୀ ଲିଜ୍ ଆକାରରେ ଦିଆଯିବାକୁ ଥିବା ସୈରାତ ଉତ୍ସର ସଂପୂର୍ଣ୍ଣ ବିବରଣୀ</u>

| ଦୀର୍ଘ ମିଆଦୀ ଲିଜ ସୈରାତ ଉତ୍ସର ନାମ ଓ କେଶ୍ ନଂ | | ମୌଜା | ଖାତା ସଂ | ପ୍ଲଟ ସଂ | ରକବା | ଲିଜ ରକବା | ସର୍ବ ନିମ୍ନ ମୂଲ୍ୟ (Per cum) |
|---|---|---|---|---|---|---|---|
| କେଶ୍ ନଂ | ଉତ୍ସର ନାମ | | | | | | |
| ୦୧/୨୦୧୭-୧୮ | ଖରସ୍ରୋତା ନଦୀ ବାଲିଶର୍ଯ୍ୟା, ଘଂଟିଆଳୀ | ଘଂଟିଆଳୀ | ୩୮୬ | ୨୩୧୬ | ଏ୫୪.୫୦ | ଏ୧୨.୫୦ | ଟ୩୫.୦୦ |

ତହସିଲଦାର, ବିଂଝାରପୁର

ପରିପତ୍ର ସଂଖ୍ୟା ...୧୮୯୮... / ତା .....୨.୭.୨୦୧୮.

ଏହାର ଏକାକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିଂଝାରପୁର / ସରପଂଚ ଘଂଟିଆଳିଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଉକ୍ତ ବିଜ୍ଞାପନର ବହୁଳ ପ୍ରଚାର ନିମନ୍ତେ ସେମାନଙ୍କର କାର୍ଯ୍ୟାଳୟରେ ଉପଲବ୍ଧ ବିଜ୍ଞପ୍ତି ଫଳକରେ ଦର୍ଶାଇବା ପାଇଁ ଅନୁରୋଧ କରାଗଲା ।

ତହସିଲଦାର, ବିଂଝାରପୁର

Scanned by CamScanner

## ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ –

- ଦରଖାସ୍ତ ପାଉଣା ବାବଦ ଟ ୧୦୦୦ ଙ୍କା (ଏକ ହଜାର ଟଙ୍କା) ଅଣଫେରସ୍ତ ଟ୍ରେଜେରି ଚାଲାଣ ଆକାରରେ (Head of Account-0853-Non-Ferrous-Mining and Metallurgical Industries-102-Mineral Concession Fees, Rent & Royalties)।
- ପ୍ରସ୍ତାବିତ ସୈରାତ ଉତ୍ସର ଚଫସିଲ ସହ ଚୌହଦିର ସଂପୂର୍ଣ୍ଣ ବିବରଣୀ ସଂପୃକ୍ତ ସୈରାତ ଉତ୍ସକୁ ପରିଦର୍ଶନ କରି ତହସିଲ କାର୍ଯ୍ୟାଳୟ ଦ୍ୱାରା ନକ୍ସା ମେଳ କରି ସଂଲଗ୍ନ କରିବେ।
- ସୈରାତ ଉତ୍ସ ବାବଦୀୟ କୌଣସି ବକେୟା ଅର୍ଥ ପୈଠ ନକରିଥିବା ସମ୍ବନ୍ଧୀୟ ସତ୍ୟପାଠ।
- ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ Solvency Certificate Rs. 5,00,000/- ସହ ସ୍ଥାବର ସମ୍ପତ୍ତି (Immovable Property) ର ପ୍ରମାଣ ପତ୍ର।
- ଅନ୍ୟାନ୍ୟ ଆବଶ୍ୟକ ତଥ୍ୟର ବିବରଣୀ ଯଥା ବୈଷୟିକ ଜ୍ଞାନ, ଦକ୍ଷତା ନିଜର ଉପଲବ୍ଧ ଥିବା ଯନ୍ତ୍ରପାତି ଓ ଆର୍ଥିକ ଅବସ୍ଥା ବାବଦୀୟ ତଥ୍ୟ ପ୍ରଦାନ କରିବେ।
- ST / IT Clearance ସାର୍ଟିଫିକେଟ ର ନକଲ।

## ବିଶେଷ ସର୍ତ୍ତାବଳୀ

୧) ଆବେଦନକାରୀ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧିତ ନିୟମାବଳୀ ୨୦୧୪ (OMMC Amendment Rule- 2014) ଏବଂ Manual of Tahasil Accounts ର ପରିସରଭୁକ୍ତ ରହିବେ।

୨) ଲିଜ୍ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଉତ୍ସ ଗୁଡ଼ିକୁ ପରିଦର୍ଶନ କରି ସୈରାତ ଉତ୍ସ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜ୍‌ରେ ଅଂଶଗ୍ରହଣ କରିବେ। ଲିଜ୍ ନେବାପରେ ଉତ୍ସର ପରିଚାଳନା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ।

୩) ପୂର୍ବ ନିଲାମମାନଙ୍କରେ ନିଲାମ ଦେୟ ବକେୟା ରଖିଥିବା ବ୍ୟକ୍ତି ନିଲାମରେ ଅଂଶ ଗ୍ରହଣ କରିପାରିବେ ନାହିଁ।

୪) ପ୍ରଚଳିତ ନୀୟମାବଳୀ ଅନୁଯାୟୀ ସର୍ବୋଚ୍ଚ ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ।

୫) ଲିଜଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ (@ per hector of land) ଅମାନତ ଅର୍ଥ ନିଲାମ ଚୂଡ଼ାନ୍ତ ଦିବସରେ ୭ ଦିନ ମଧ୍ୟରେ ମାଧ୍ୟମରେ କିମ୍ବା ନଗଦ ଟଙ୍କା ଆକାରରେ ତହସିଲଦାର, ବିଂଝାରପୁରଙ୍କ ନିକଟରେ ଦାଖଲ କରିବେ।

୬) ଯଦି ନିଲାମ ଧାରି ନିର୍ଦ୍ଧାରିତ ସମୟରେ Mining Plan (in ZB Form) ଓ ପରିବେଶ ମଂଜୁରୀ ସମ୍ବନ୍ଧୀୟ କାଗଜ ପତ୍ର ଦାଖଲ ନକରନ୍ତି ତେବେ ଉକ୍ତ ଅର୍ଥକୁ ବାଜ୍ୟାପ୍ତି କରାଯିବ।

୭) ମାଇନିଙ୍ଗ ପ୍ଲାନରେ ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟ ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ମୂଲ୍ୟକୁ ଗୁଣନ କରି ସଂପୃକ୍ତ ଅର୍ଥକୁ Environment Clearance ଆଣି ସାରିଲାପରେ ପୈଠ କରିବେ। ସଂପୂର୍ଣ୍ଣ ରାଶି ପୈଠ ହେଲପରେ ରେଜିଷ୍ଟ୍ରେସନ୍ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ ଯୁକ୍ତି ପତ୍ର Lease Deed ସମ୍ପାଦନ କରିବେ।

୮) ଯଦି ସର୍ବୋଚ୍ଚ ରୟାଲଟି ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟସୀମା ମଧ୍ୟରେ ଅମାନତ ରାଶି ଦାଖଲ କରିବାରେ ଖିଲାପ କରନ୍ତି ତାହେଲେ ଦ୍ୱିତୀୟ ଏବଂ ପରବର୍ତ୍ତି ସର୍ବାଧିକ ନିଲାମଧାରୀମାନଙ୍କୁ କ୍ରମାନୁୟରେ ସୁଯୋଗ ଦିଆଯିବ।

୯) ଯଦି ଦରଖାସ୍ତକାରୀ ଧାର୍ଯ୍ୟ ରୟାଲଟି ମୂଲ୍ୟ ଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ଉକ୍ତ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ।

୧୦) ନିଲାମଧାରୀମାନେ OMMC Amendment Rule 2014 ର 27-A, 27-B, 27-C, 27-D ଏବଂ 27-E ର ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ ହେବେ।

୧୧) ଲିଜଧାରୀ ଜମା ରାୟଲଟିର ୨% ଅର୍ଥ ଆୟକର (T.C.S) ବାବଦକୁ ଚାଲାଣ ଆକାରରେ ଜମା କରିବେ।

Scanned by CamScanner